# Akashvani, Sambalpur

## SAMBALPURI NEWS BULLETIN

### 6 September 2025 - 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ ସମ୍ବଲପୁର ଗସ୍ତ ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲପୁର ନ ହେବାର୍‌କେ ଥିବା ରାଜ୍ୟସ୍ତରୀୟ ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମଥି ଯୋଗ୍ ଦେବାର୍‌କେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ଦିନ୍‌କିଆ ସମ୍ବଲପୁର୍ ଗସ୍ତଥି ଆସୁଛନ୍ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟମନ୍ତ୍ରୀଙ୍କର୍ ସହେତେ ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ, ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ, ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ, ପଂଚାୟତିରାଜ୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍, ବିଜେପି ରାଜ୍ୟ ସଭାପତି ମନ୍‌ମୋହନ୍ ସାମଲ୍ ପ୍ରମୁଖ ସାମିଲ୍ ହେବେ । ସମ୍ବଲ୍‌ପୁର୍ ବିଧାୟକ୍ ଜୟନାରାୟଣ୍ ମିଶ୍ରଙ୍କର୍ ନେତୃତ୍ୱଥି ହେଉଥିବା ନୂଆଖାଇ ଭେଟ୍‌ଘାଟ୍ କାର୍ଯ୍ୟକ୍ରମ୍ ସମଲେଶ୍ୱରୀ ମନ୍ଦିର୍ ପରିସର୍ ନ ହେବା । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍ବଲ୍‌ପୁର୍ ନ ପୁହୁଁଚିଲା ଉତ୍ରୁ ସମଲେଇ ଆର୍ ପାଟଣେଶ୍ୱରୀ ମନ୍ଦିର୍ ନ ଦର୍ଶନ୍ କରିକରି ସାଂସ୍କୃତିକ୍ ପଟୁଆର୍‌ଥି କାର୍ଯ୍ୟକ୍ରମ୍ ଜାଗାକେ ଯିବେ । ମୁଖ୍ୟମନ୍ତ୍ରୀଙ୍କର୍ ଗସ୍ତକେ ନେଇକରି ଜିଲ୍ଲା ଆଉ ପୁଲିସ୍ ପ୍ରଶାସନ୍ ତର୍‌ଫୁ ଜୋର୍‌ଦାର୍ ତୟାରି କରାଯାଇଛେ ।

ଗୁରୁଦିବସ୍- ମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର/I&PR

ଭୁବନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଗଲାକାଏଲ୍ ହେଇଥିବା ରାଜ୍ୟସ୍ତରୀୟ ଗୁରୁଦିବସ୍ ସମାରୋହଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଓଡ଼ିଶା ରାଜ୍ୟ ପାଠ୍‌ପଢ଼ା ଢାଂଚା- 'ପଢ଼ିବା, ଗଢ଼ିବା ଓଡ଼ିଶା'ର୍ ଶୁଭାରମ୍ଭ କରିଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ୨୦୩୬ ସମୃଦ୍ଧ ଓଡ଼ିଶା ଗଠନ୍‌ର ଭିତି ଇହାଦେର୍ ଛାତ୍ରଛାତ୍ରୀମାନ୍‌କର୍ ପ୍ରତିଭା ଉପ୍‌ରେ ନିର୍ଭର୍ କରୁଛେ ବଲି କହିଛନ୍ ।

ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ଶିକ୍ଷା କ୍ଷେତ୍ରଥି ଭଲ୍ ପ୍ରଦର୍ଶନ୍ କରିଥିବା ଝାର୍‌ସୁଗୁଡ଼ା ଜିଲ୍ଲାକେ ୩ କୋଟି ଟଙ୍କାର୍ ସହେତେ ପହେଲା ପୁରସ୍କାର୍ ଦେଇଛନ୍ । ଖୋର୍ଦ୍ଧାକେ ୨ ନମ୍ବର୍ ଆଉ ଜଗତ୍‌ସିଂହପୁର୍ ଜିଲ୍ଲାକେ ୩ ନମ୍ବର୍ ଭାବେ ପୁରସ୍କୃତ୍ କରିଛନ୍ । ଇତାର୍ ସହେତେ ୭୦ ଝନ୍ ଶିକ୍ଷକ୍, ୩ ଟା ଜିଲ୍ଲାର୍ ପ୍ରଶିକ୍ଷଣ୍ ପ୍ରତିଷ୍ଠାନ୍, ୩ ଝନ୍ ଜିଲ୍ଲା ଶିକ୍ଷା ଅଧିକାରୀ ଆଉ ୧୦ ଝନ୍ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଭିଲ୍ ପୁରସ୍କୃତ କରିଛନ୍ । ଇତାର୍‌ସହେତେ ନିଟ୍ ପରୀକ୍ଷାଥି ସଫଲ୍ ହେଇଥିବା ଅନୁସୂଚିତ ଜାତି ବର୍ଗର୍ ୨ ଛାତ୍ରଙ୍କୁ ଭିଲ୍ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ୍ କରିଛନ୍ ।

ସମ୍ବଲ୍‌ପୁର୍ ସହରର୍ ଜିଲ୍ଲାସ୍କୁଲ୍ ନ ହେଇଥିବା ଜିଲ୍ଲାସ୍ତରୀୟ ଗୁରୁଦିବସ୍ ସମାରୋହଥି ଜିଲ୍ଲାର୍ ୨୭ ଝନ୍ ଶିକ୍ଷକଙ୍କୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର୍ ପ୍ରଦାନ୍ କରାଯାଇଛେ ।

ମୁଖ୍ୟ ଶାସନ୍ ସଚିବ-ଦାଦନ୍ ଚାଲାଣ୍    ଆର୍‌ଏନ୍‌ୟୁ/ ସମ୍ବଲପୁର

ଦାଦନ୍ ଚାଲାଣ୍‌କେ ଆଏଡ୍ କର୍‌ବାର୍ ଲାଗି ରାଏଡ୍ ବେଲା ରେଲ୍‌ଷ୍ଟେସନ୍‌ମାନ୍‌କର୍ ଉପ୍‌ରେ ନଜର୍ ରଖ୍‌ବାର୍ ଲାଗି ମୁଖ୍ୟ ଶାସନ୍ ସଚିବ ମନୋଜ ଆହୁଜା ଶ୍ରମ ବିଭାଗ୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଦାଦନ୍ ପ୍ରବଣ୍ ଜିଲ୍ଲାମାନ୍‌କର୍ ରେଲ୍‌ଷ୍ଟେସନ୍‌ମାନ୍‌କେ ଜିଲ୍ଲା ପ୍ରଶାସନ୍, ପୁଲିସ୍ ପ୍ରଶାସନ୍ ଆର୍ ରେଲ୍ ବିଭାଗ୍ ତର୍‌ଫୁ ମିଶିକରି ରାତି ଜୁଗ୍‌ବାର୍ ଲାଗି ଶ୍ରୀ ଆହୁଜା ନିର୍ଦ୍ଦେଶ୍ ଦେଇଛନ୍ । ରାଏଡ୍ ବେଲା ଲୁକିକରି ଦାଦନ୍ ଚାଲାଣ୍ କରାଯାଉଥିବାର୍‌ନୁ ମୁଖ୍ୟ ଶାସନ୍ ସଚିବ ଇ ପଦକ୍ଷେପ୍ ନେଇଥିବାର୍ ଜନାପଡ଼ିଛେ ।

ଜିଏସ୍‌ଟି                ବର୍‌ଗଡ୍ ସମ୍ବାଦଦାତା

ଜିଏସ୍‌ଟି ପରିଷଦ୍ ବୈଠକ୍‌ଥି ପ୍ରସ୍ତାବ୍ ହେଇଥିବା ନୂଆଁ ଜିଏସ୍‌ଟି ସଂସ୍କାର୍‌କେ ସାରାଦେଶେ ସବୁ ମହଲ୍‌ନୁ ସମର୍ଥନ୍ ମିଳୁଛେ । ଇତାର୍

ଜରିଏ ଗରିବ୍, ମଧ୍ୟବିତ ଆଉ ଛୋଟ୍ ବେପାରୀମାନେ ସବୁନୁ ଜହ ଲାଭ୍ ପାଏବେ । ଶିକ୍ଷା ଉପକରଣ୍ ଉପ୍ରୁ ଜିଏସ୍‌ଟି କମ୍ କରାଯିବାର୍‌ନୁ ଗରିବ୍ ଆଉ ମଧ୍ୟବିତ ପରିବାର୍‌କେ ପାଠ୍‌ପଢ଼ା ଖର୍ଚ୍ଚାଥି ବନେ ସାହାଜ୍ ହେବା ବଲି ଆଶା କରାଯାଉଛେ । ଇ ବାବ୍‌ଦେ ବର୍‌ଗଡ୍ ଶିକ୍ଷାବିତ୍ ଗଜେନ୍ଦ୍ର ନାରାୟଣ୍ ମିଶ୍ର କହିଛନ୍...

(ଭଏସ୍ ଓଭର୍- ଗଜେନ୍ଦ୍ର ନାରାୟଣ୍ ମିଶ୍ର )

ରାଜସ୍ୱମନ୍ତ୍ରୀ- ଝାର୍‌ସୁଗୁଡ଼ା                ଝାର୍‌ସୁଗୁଡ଼ା ସମ୍ବାଦଦାତା

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ଗଲାକାଏଲ୍ ଝାର୍‌ସୁଗୁଡ଼ା ଜିଲ୍ଲା ନ ବନ୍ୟା ନୁକ୍‌ସାନ୍‌ର ଭର୍‌ନା ଆଉ ରାସ୍ତାଘାଟ୍ ମରାମତି କାମ୍‌ର ସମୀକ୍ଷା କରିଛନ୍ । ଗଲାଥର ଜିଲ୍ଲାନ ହେଇଥିବା ବନ୍ୟାର୍ ନୁକ୍‌ସାନ୍ ଲୁକ୍‌କୁ ରେକର୍ଡ଼ ସମିଆଥି ଦିଆଯାଇଥିବାର୍‌ନୁ ମନ୍ତ୍ରୀ ଶ୍ରୀ ପୂଜାରୀ ଅଧିକାରୀମାନ୍‌କର୍ ପ୍ରଶଂସା କରିଛନ୍ । ମରାମତି କାମ୍ ମାନ୍‌କୁ ଖୋବ୍ ଜଲ୍‌ଦି ସାର୍‌ବାର୍ ଲାଗି ପରାମର୍ଶ ଦେଇଛନ୍ ।

ଯୁବ ନେତୃତ୍ୱ ତାଲିମ୍ ଶିବିର                ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ନେସ୍‌ନାଲ୍ କଲେଜ୍ ନ ଜାତୀୟ ସେବା ଯୋଜ୍‌ନା ତର୍‌ଫୁ ଜିଲ୍ଲାସ୍ତରୀୟ ଯୁବ ନେତୃତ୍ୱ ତାଲିମ୍ ଶିବିର୍ ଗଲାକାଏଲ୍ ଉଦ୍‌ଘାଟିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ମଧୁସୂଦନ୍ ଦାସ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଛାତ୍ରଛାତ୍ରୀମାନ୍‌କର୍ ନେତୃତ୍ୱର୍ ବିକାଶ୍ ଭାବେ ବୁଝେଇଥିଲେ । ଶିବିର୍‌ଥି କଲାହାଣ୍ଡି ଆଉ ନୂଆପଡ଼ା ଜିଲ୍ଲାର୍ ଶହେ ଝନ୍ ସ୍ୱେଚ୍ଛାସେବୀ, ୧୨ ଝନ୍ କାର୍ଯ୍ୟକ୍ରମ୍ ଅଧିକାରୀ ଯୋଗ୍ ଦେଇଛନ୍ ।

ବୌଦ୍ଧ- ମୁଁ ଅଦ୍ୱିକା କାର୍ଯ୍ୟକ୍ରମ୍ ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ ମିଶନ୍ ଶକ୍ତି ଭବନ୍ ଠାନେ ‘ମୁଁ ଅଦ୍ୱିକା- ମୋ ସ୍ୱର, ମୋ ପସନ୍ଦ’ କାର୍ଯ୍ୟକ୍ରମ୍ ହେଇଯାଇଛେ । ଇତାର୍ ଜରିଏ କିଶୋରୀ ମାନ୍‌କର୍ ଶାରୀରିକ, ମାନସିକ ଆଉ ସାମାଜିକ୍ ଅଭିବୃଦ୍ଧି ସହେତେ ସେମାନ୍‌କର୍ ଭିତ୍‌ରେ ଥିବା ପ୍ରତିଭା ଅନ୍ୱେଷଣ କର୍‌ବାର୍ ଇଟା ଗୁଟେ ସୁଯୋଗ୍ ଆଏ ବଲି କାର୍ଯ୍ୟକ୍ରମ୍‌ଥି ଅତିଥି ମାନେ କହିଛନ୍ ।

ପାଣିପାଗ/ହୀରାକୁଦ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଲଘୁଚାପ୍ ପ୍ରଭାବ୍‌ଥି ରାଏଜେ ବର୍ଷା ଲାଗି ରହିଛେ । ଆଏବା ୨୪ ଘଂଟା ଭିତ୍‌ରେ ବିଜ୍‌ଲି, ଘଡ଼୍‌ଘଡ଼ି ସଙ୍ଗେ ଜବର୍ ବର୍ଷା ହେଇପାରେ ବଲି

ଭୁବ୍‌ନେଶ୍ୱର୍ ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସବୁ ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ । ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍‌ନୁ ଏଛେନ୍ ୨୪ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାଯାଉଛେ । ଆଏଜ୍ ସଖାଲର୍ ୬ ବଜେତକ୍ ଜଲ୍‌ଭଣ୍ଡାର୍‌ର ଜଲ୍‌ସ୍ତର୍ ୬ ଶହ ୨୬ ଦଶ୍‌ମିକ୍ ୪/ ୧ ଫୁଟ୍ ରହିଛେ ।

ଇ ସମିଆଥି ଜଲ୍‌ଭଣ୍ଡାର୍‌କେ ଫି ସେକେଣ୍ଡ୍‌ଥି ୩ ଲାଖ୍ ୮୬ ହଜାର୍ ୨୮ ଘନଫୁଟ୍ ପାଏନ୍ ଆସୁଥିଲା ବେଲେ ୪ ଲାଖ୍ ୨୪ ହଜାର୍ ଶହେ ୪୭ ଘନଫୁଟ୍ ପାଏନ୍ ଛଡ଼ାଯାଉଛେ ।